ପ୍ରେସ ନୋଟ

# ଅନୁଗୋଳରେ ଶ୍ରମିକ ଦିବସ ପାଳିତ ।

## ୧୦୫୨ ଜଣ ହିତାଧିକାରୀଙ୍କୁ ୪ କୋଟି ୩୫ ଲକ୍ଷ ୪୫ ହଜାର ୨୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ।

ଅନୁଗୋଳ,ତା. ୦୧.୦୫:- ମଇ ୧ ତାରିଖକୁ ଶ୍ରମିକ ଦିବସ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି । ଦେଶ ପ୍ରତି ଶ୍ରମିକମାନଙ୍କର ଅବଦାନ, ସେମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବା ଓ ସେମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳିତ ହେଉଛି । ଏହି ପରିପ୍ରେକ୍ଷୀରେ ଅନୁଗୋଳ ଶ୍ରମ ଜିଲ୍ଲା ତରଫରୁ ଆଜି ପୂର୍ବାହ୍ନରେ ସ୍ଥାନୀୟ ପୌରପାଳିକା ଟାଉନ୍ ହଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭାର ଉପ-ବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରମିକମାନଙ୍କ ନିମନ୍ତେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସହାୟତା ସଠିକ୍ ଭାବେ ପ୍ରଦାନ କରାଯିବା ସହ ସେମାନଙ୍କ ମଜୁରୀ ବୃଦ୍ଧି ଉପରେ ଆଲୋକପାତ କରିଥିଲେ । ଏହାଛଡା ୧୦୫୨ ଜଣ ହିତାଧିକାରୀଙ୍କୁ ୪ କୋଟି ୩୫ ଲକ୍ଷ ୪୫ ହଜାର ୨୦୦ ଟଙ୍କା ଆର୍ଥିକ ସହାୟତା ବିଭିନ୍ନ ଯୋଜନା ବାବଦରେ ପ୍ରଦାନ କରିଥିଲେ । ଅନୁଗୋଳ ଜିଲ୍ଲା ଶ୍ରମ ଅଧିକାରିଣୀ ଇତିଶ୍ରୀ ଗାଗରାଇ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବିଭିନ୍ନ ଯୋଜନାର ସହାୟତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶ୍ରମିକ ପରିବାରକୁ ଶିକ୍ଷା ସହାୟତା ବାବଦରେ ୩୮୯ଜଣଙ୍କୁ ୧୯ ଲକ୍ଷ ୬୫ ହଜାର ୨୦୦ ଟଙ୍କା, ବିବାହ ସହାୟତା ବାବଦରେ ୪୬୦ ଜଣଙ୍କୁ ୨ କୋଟି ୨୬ ଲକ୍ଷ ୨୫ ହଜାର ଟଙ୍କା , ମାତୃତ୍ୱ ସହାୟତା ବାବଦରେ ୨୦ ଜଣଙ୍କୁ ୨ ଲକ୍ଷ , ମୃତ୍ୟୁକାଳିନ ସହାୟତା ବାବଦକୁ ୯୧ ଜଣଙ୍କୁ ୧ କୋଟି ୮୨ଲକ୍ଷ ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୯୧ ଜଣଙ୍କୁ ୪ ଲକ୍ଷ ୫୫ ହଜାର ଓ ଓଡିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ୧ ଜଣଙ୍କୁ ମୃତ୍ୟୁକାଳିନ ସହାୟତା ବାବଦକୁ ୧ଲକ୍ଷ ଟଙ୍କା ଏହିପରି ୧୦୫୨ ଜଣଙ୍କୁ ୪ କୋଟି ୩୫ ଲକ୍ଷ ୪୫ ହଜାର ୨୦୦ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡ ତରଫରୁ ୩୫୦ ଜଣଙ୍କୁ ଓ ଓଡିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ୬୦ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି । ଏହି ବୈଠକରେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଶ୍ରୀ ପ୍ରଦୀପ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାଛଡା ଏଥିରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା, ଶ୍ରମିକ ନେତା ଓ ଶ୍ରମିକମାନେ ଯୋଗ ଦେଇଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୨୮୬ ତା. ୦୧.୦୫. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ


State Bank Of India
Bachhia Barah
Forty Thousand Only
40000/-
01052022

